# NATIONAL NEWS BULLETIN (ODIA)

## 24 June - 2024

## Evening Bulletin : 7.15 p.m.

**********************************

## ମୁଖ୍ୟ ସମ୍ବାଦ

- ଅଷ୍ଟାଦଶ ଲୋକସଭାର ପ୍ରଥମ ଅଧିବେଶନର ପ୍ରଥମ ଦିନରେ ଆଜି ଶପଥ ନେଲେ ଅନେକ ନବନିର୍ବାଚିତ ସାଂସଦ ।

– ଆସନ୍ତା ୨୭ରେ ରାଷ୍ଟ୍ରପତି ଉଭୟ ସଦନର ମିଳିତ ଅଧିବେଶନକୁ କରିବେ ସମ୍ବୋଧନ ।

- ସମ୍ବିଧାନର ପବିତ୍ରତା ରକ୍ଷା କରିବା ସହ ସମସ୍ତଙ୍କୁ ସାଥୀରେ ନେଇ ଦେଶ ସେବା କରିବା ଦିଗରେ ନିରନ୍ତର ପ୍ରୟାସ ଜାରି ରଖିବେ ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ପ୍ରତିଶ୍ରୁତି ଦେଇଛନ୍ତି ।

- ସାମଗ୍ରୀକ ଖାଦ୍ୟ ନିରାପତ୍ତାର ସୁପରିଚାଳନା ସହିତ କଳାବଜାରୀ ରୋକିବା ଉଦ୍ଦେଶ୍ୟରେ କେନ୍ଦ୍ର ସରକାର ଗହମ ମହଜୁଦ ରଖିବାର ସୀମା ଧାର୍ଯ୍ୟ କରିଛନ୍ତି ।

ଏବଂ

- ଆଇସିସି ପୁରୁଷ ଟି-ଟ୍ୱେଣ୍ଟି ବିଶ୍ୱକପ୍ କ୍ରିକେଟ୍‌ର ସୁପର ଏଇଟ୍ ପର୍ଯ୍ୟାୟରେ ଆଜି ଭାରତ' ଅଷ୍ଟ୍ରେଲିଆ ମଧ୍ୟରେ ହେବ ମୁକାବିଲା ।

# ଲୋକସଭା ଅଧିବେଶନ

ଅଷ୍ଟାଦଶ ଲୋକସଭାର ପ୍ରଥମ ଅଧିବେଶନର ଆଜି ପ୍ରଥମ ଦିନରେ ଅନେକ ନବନିର୍ବାଚିତ ସାଂସଦମାନଙ୍କ ଶପଥ ଗ୍ରହଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଲୋକସଭାର ନେତା ତଥା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଗୃହର ପ୍ରଥମ ସଦସ୍ୟ ରୂପେ ସର୍ବପ୍ରଥମେ ଶପଥ ଗ୍ରହଣ କରିଥିଲେ। ଅସ୍ଥାୟୀ ବାଚସ୍ପତି ଭର୍ତ୍ତୃହରି ମହତାବ ଶ୍ରୀ ମୋଦୀଙ୍କୁ ଶପଥ ପାଠ କରାଇଥିଲେ। ଏହାପରେ ଶ୍ରୀ ମହତାବଙ୍କୁ ସହଯୋଗ କରିବା ଲାଗି ଗଠିତ ହୋଇଥିବା ଅଧ୍ୟକ୍ଷ କମିଟିର ସଦସ୍ୟମାନେ ଶପଥ ନେଇଥିଲେ। ସେମାନଙ୍କ ମଧ୍ୟରେ ବିଜେପିର ରାଧାମୋହନ ସିଂ, ଫଗନ ସିଂ କୁଲସ୍ତେ ପ୍ରମୁଖ ଅନ୍ତର୍ଭୁକ୍ତ। ଅନ୍ୟପକ୍ଷରେ ଏହି କମିଟିର ସଦସ୍ୟ ଥିବା କଂଗ୍ରେସର କେ.ସୁରେଶ, ଡିଏମ୍‌କେର ଟି.ଆର୍‌.ବାଲୁ, ଟି.ଏମ୍‌.ସି.ର ସୁଦୀପ ବନ୍ଦୋପାଧ୍ୟାୟ ଆଜି ଶପଥ ନେଇନାହାଁନ୍ତି। ପରେ କେନ୍ଦ୍ରମନ୍ତ୍ରୀ ରାଜନାଥ ସିଂ, ଅମିତ ଶାହା, ନୀତିନ ଗଡ଼କରୀ, ଶିବରାଜ ସିଂ ଚୌହ୍ୱାନ, ମନୋହର ଲାଲ୍‌, ପିୟୁଷ ଗୋଏଲ, ଜିତନ ରାମ ମାଞ୍ଜି, ରାଜୀବ ରଞ୍ଜନ, ଡକ୍ଟର ବୀରେନ୍ଦ୍ର କୁମାର, କିରନ ରିଜିଜୁ, ଚିରାଗ ପାଶୱାନ, ଜ୍ୟୋତିରାଦିତ୍ୟ ସିନ୍ଧିଆ, ଅନ୍ନପୂର୍ଣ୍ଣା ଦେବୀଙ୍କ ସମେତ ଅନେକ କେନ୍ଦ୍ରମନ୍ତ୍ରୀ ଓ ସାଂସଦ ଶପଥ ନେଇଥିଲେ। କେନ୍ଦ୍ରମନ୍ତ୍ରୀ ଏଚ୍‌.ଡି.କୁମାରସ୍ୱାମୀ ଏବଂ ପ୍ରହଲ୍ଲାଦ ଯୋଶୀ କନ୍ନଡ଼ ଭାଷାରେ ଶପଥ ନେଇଥିବା ବେଳେ ଧର୍ମେନ୍ଦ୍ର ପ୍ରଧାନ ଏବଂ ଜୁଏଲ ଓରାମ ଓଡ଼ିଆ ଭାଷାରେ ଶପଥ ଗ୍ରହଣ କରିଛନ୍ତି। ସେହିଭଳି କେନ୍ଦ୍ରମନ୍ତ୍ରୀ ସର୍ବାନନ୍ଦ

ସୋନଓ୍ୱାଲ ଆସାମୀ ଭାଷାରେ, କେ.ରାମମୋହନ ନାଇଡୁ ଓ ଜି.କିଶାନ ରେଡ୍ଡୀ ତେଲୁଗୁରେ, ସି.ଆର.ପାଟିଲ ଗୁଜୁରାଟୀରେ, ପ୍ରତାପ ରାଓ ଯାଦବ ମରାଠିରେ, ଡକ୍ଟର ଜିତେନ୍ଦ୍ର ସିଂ ଡୋଗ୍ରିରେ, ସୁରେଶ ଗୋପୀ ମାଲାୟାଲମରେ, ସୁକାନ୍ତ ମଜୁମଦାର ବଙ୍ଗଳାରେ ଏବଂ ଦୁର୍ଗାଦାସ ଉଇକେ ସଂସ୍କୃତ ଭାଷାରେ ଶପଥ ଗ୍ରହଣ କରିଛନ୍ତି।

କେନ୍ଦ୍ରମନ୍ତ୍ରୀ ମାନଙ୍କର ଶପଥ ଗ୍ରହଣ ପରେ ଇଂରାଜୀ ବର୍ଣ୍ଣମାଳାର କ୍ରମାନୁଯାୟୀ ବିଭିନ୍ନ ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳର ସାଂସଦମାନେ ଶପଥ ଗ୍ରହଣ କରିଥିଲେ। ସେମାନଙ୍କ ମଧ୍ୟରେ ବିଜେପି ସାଂସଦ ତଥା କର୍ଣ୍ଣାଟକର ପୂର୍ବତନ ମୁଖ୍ୟମନ୍ତ୍ରୀ ବାସବରାଜ ବୋମାଇ, ରାଜୀବ ପ୍ରତାପ ରୁଡ଼ି, ରବି ଶଙ୍କର ପ୍ରସାଦ, ପୂର୍ବତନ କେନ୍ଦ୍ରମନ୍ତ୍ରୀ ଅନୁରାଗ ସିଂ ଠାକୁର, ପୁରୁଷୋତ୍ତମ ରୁପାଲା, ନବୀନ ଜିନ୍ଦଲ, କଂଗ୍ରେସର ଦୀପେନ୍ଦର ସିଂ ହୁଡା, ମନୀଷ ତିଓ୍ୱାରୀ, ତାରିକ ଅନଓ୍ୱାର, ଆର୍‌ଜେଡିର ମିଶା ଭାରତୀ ପ୍ରମୁଖ ଅନ୍ତର୍ଭୁକ୍ତ।

ଆମ ସମ୍ବାଦଦାତା ଜଣାଇଛନ୍ତି, ଅଷ୍ଟାଦଶ ଲୋକସଭା ପ୍ରଥମ ଅଧିବେଶନରେ ଭାରତର ବିବିଧ ଭାଷାଗତ ସଂସ୍କୃତିର ପ୍ରତିଫଳନ ଦେଖିବାକୁ ମିଳିଛି। ହିନ୍ଦୀ ଓ ଇଂରାଜୀ ଭାଷା ଛଡ଼ା ଅନେକ ସାଂସଦ ନିଜ ନିଜ ଆଞ୍ଚଳିକ ଭାଷାରେ ଶପଥ ନେଇଛନ୍ତି। ଏତଦ୍‌ବ୍ୟତୀତ କେତେକ ସାଂସଦ ନିଜ ନିଜ ଅଞ୍ଚଳର ପାରମ୍ପରିକ ପୋଷାକ ମଧ୍ୟ ପିନ୍ଧିବାର ଦେଖିବାକୁ ମିଳିଛି। ଆଜି ପ୍ରଥମ ଦିବସରେ ସଂସଦ ପରିସରରେ ଉଭୟ

ଶାସକ ଏବଂ ବିରୋଧୀ ଦଳ ସାଂସଦମାନେ ପରସ୍ପରକୁ ଶୁଭେଚ୍ଛା ଜଣାଇବା ସହ ଫଟୋ ଉଠାଇଥିବାର ପରିଲକ୍ଷିତ ହୋଇଛି ।

ଏଠାରେ ସୂଚନା ଦିଆଯାଇପାରେ, ଅଷ୍ଟାଦଶ ଲୋକସଭାର ପ୍ରଥମ ଅଧିବେଶନ ଆରମ୍ଭର ଅବ୍ୟବହିତ ପୂର୍ବରୁ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ରାଷ୍ଟ୍ରପତି ଭବନରେ ବିଜେପିର ସାଂସଦ ଭର୍ତ୍ତୃହରି ମହତାବଙ୍କୁ ଅସ୍ଥାୟୀ ବାଚସ୍ପତି ଭାବେ ଶପଥପାଠ କରାଇଥିଲେ । ଏହି ଅବସରରେ ଉପରାଷ୍ଟ୍ରପତି ଜଗଦୀପ ଧନଖଡ଼ ଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଉପସ୍ଥିତ ଥିଲେ । ବାଚସ୍ପତି ନିର୍ବାଚନ ହେବା ପର୍ଯ୍ୟନ୍ତ ଶ୍ରୀ ମହତାବ ଲୋକସଭାର ସମସ୍ତ କାର୍ଯ୍ୟ ସମ୍ପନ୍ନ କରିବେ ।

ଆସନ୍ତା ୨୬ ତାରିଖ ଦିନ ଲୋକସଭା ବାଚସ୍ପତି ନିର୍ବାଚନ ହେବ । ୨୭ ତାରିଖ ଦିନ ରାଷ୍ଟ୍ରପତି ଶ୍ରୀମତୀ ମୁର୍ମୁ ଉଭୟ ସଦନର ମିଳିତ ଅଧିବେଶନକୁ ସମ୍ବୋଧନ କରିବେ ଏବଂ ସେହି ଦିନ ରାଜ୍ୟସଭାର ଅଧିବେଶନ ମଧ୍ୟ ଆରମ୍ଭ ହେବ । ସଂସଦର ଅଧିବେଶନ ଜୁଲାଇ ୩ ତାରିଖରେ ଶେଷ ହେବା ନେଇ କାର୍ଯ୍ୟସୂଚୀ ସ୍ଥିର ହୋଇଛି ।

# ପିଏମ୍-ରିଫର୍ମ୍ସ

ଏକ ବିକଶିତ ଭାରତ ଗଠନର ଲକ୍ଷ୍ୟ ନେଇ ଅଷ୍ଟାଦଶ ଲୋକସଭା ଅଧିବେଶନ ଆରମ୍ଭ ହୋଇଛି ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ମତବ୍ୟକ୍ତ କରିଛନ୍ତି । ଆଜି ଲୋକସଭା ଅଧିବେଶନ ଆରମ୍ଭ ହେବା ପୂର୍ବରୁ

ସାମ୍ବାଦିକମାନଙ୍କୁ ସେ ଏହା କହିଛନ୍ତି। ଶ୍ରୀ ମୋଦୀ କହିଛନ୍ତି, ସରକାର ଚଳାଇବାକୁ ହେଲେ ବହୁମତ ଦରକାର। ଅନ୍ୟପକ୍ଷରେ ଦେଶ ଚଳାଇବା ଲାଗି ସର୍ବସହମତ ନିହାତି ଆବଶ୍ୟକ। ତେଣୁ ଭବିଷ୍ୟତରେ ସମ୍ବିଧାନର ପବିତ୍ରତା ରକ୍ଷା କରିବା ସହ ସମସ୍ତଙ୍କୁ ସାଥୀରେ ଧରି ତାଙ୍କ ସରକାର ନିଷ୍ପତ୍ତି ନେବା ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବେ ବୋଲି ସେ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି। କେନ୍ଦ୍ର ସରକାର ସମସ୍ତଙ୍କ ସହିତ ମିଳିମିଶି ଦେଶବାସୀଙ୍କର ଆଶାଆକାଂକ୍ଷାକୁ ପୂରଣ କରିବା ସହିତ ଦେଶ ସେବା କରିବା ଦିଗରେ ନିରନ୍ତର  ପ୍ରୟାସ ଜାରି ରଖିବେ ବୋଲି ପ୍ରଧାନମନ୍ତ୍ରୀ ପ୍ରତିଶ୍ରୁତି ଦେଇଛନ୍ତି। ସ୍ୱାଧୀନତା ପରେ ଦ୍ୱିତୀୟଥର ନିମନ୍ତେ ଦେଶବାସୀ କ୍ରମାଗତ ଭାବେ ତୃତୀୟଥର ଲାଗି ଗୋଟିଏ ସରକାରକୁ କ୍ଷମତାସୀନ କରାଇଛନ୍ତି। ତେଣୁ ଚଳିତ ଲୋକସଭା ନିର୍ବାଚନ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ଶ୍ରୀ ମୋଦୀ କହିଛନ୍ତି। ପ୍ରଧାନମନ୍ତ୍ରୀ କହିଛନ୍ତି, ଦେଶର ବିକାଶ ଦିଗରେ ବିରୋଧୀଙ୍କ ପକ୍ଷରୁ ମଧ ଗୁରୁତ୍ୱପୂର୍ଣ୍ଣ ତଥା ସକାରାତ୍ମକ ପଦକ୍ଷେପ ଦେଶବାସୀ ଆଶା କରୁଛନ୍ତି। ଗଣତନ୍ତ୍ରର ମର୍ଯ୍ୟାଦା ବଜାୟ ରଖିବା ସହ ବିରୋଧୀ ଦଳଗୁଡ଼ିକ ଏ ଦିଗରେ ଅନୁରୂପ କାର୍ଯ୍ୟ କରିବେ ବୋଲି ସେ ଆଶାବ୍ୟକ୍ତ କରିଛନ୍ତି। ଅଷ୍ଟାଦଶ ଲୋକସଭାର ସାଂସଦ ମାନେ ଦେଶର ସାଧାରଣ ଜନତାଙ୍କର ଆଶା ଆକାଂକ୍ଷାକୁ ପୂରଣ କରିବା ଦିଗରେ କାର୍ଯ୍ୟ କରିବାକୁ ଶ୍ରୀ ମୋଦୀ ପରାମର୍ଶ ଦେଇଛନ୍ତି।

ପରେ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରି କହିଛନ୍ତି, ଏନ୍‌ଡିଏ ସରକାରଙ୍କ ବିଭିନ୍ନ ସଂସ୍କାରମୂଳକ ପଦକ୍ଷେପ ୧୪୦ କୋଟି ଭାରତୀୟଙ୍କର ଜୀବନମାନକୁ ଉନ୍ନତ କରିବା ଲାଗି ଉଦ୍ଦିଷ୍ଟ। ବସ୍ତୁ ଓ ସେବାକର- ଜି.ଏସ୍‌.ଟି. ଲାଗୁ ହେବା ପରେ ଘରୋଇ ନିତ୍ୟ ବ୍ୟବହାର୍ଯ୍ୟ ଜିନିଷ ଗୁଡ଼ିକର ମୂଲ୍ୟ ଶସ୍ତା ହୋଇଛି। ଏହାଦ୍ୱାରା ଗରିବ ଓ ସାଧାରଣ ଜନତାଙ୍କର ଉଲ୍ଲେଖନୀୟ ସଞ୍ଚୟ ହୋଇପାରିଛି। ଜନସାଧାରଣଙ୍କର ଜୀବନମାନକୁ ରୂପାନ୍ତରଣ କରିବା ଉଦ୍ଦେଶ୍ୟରେ ଏହି ସଂସ୍କାର ଯାତ୍ରା ଅବ୍ୟାହତ ରଖିବା ଲାଗି ତାଙ୍କ ସରକାର ପ୍ରତିଶ୍ରୁତିବଦ୍ଧ ବୋଲି ଶ୍ରୀ ମୋଦୀ ମତବ୍ୟକ୍ତ କରିଛନ୍ତି।

## ଗହମ ମହଜୁଦ

ଦେଶରେ ସାମଗ୍ରୀକ ଖାଦ୍ୟ ନିରାପତ୍ତାର ସୁପରିଚାଳନା ସହିତ କଳାବଜାରୀ ରୋକିବା ଏବଂ ମୂଲ୍ୟରେ ସ୍ଥିରତା ବଜାୟ ରଖିବା ଉଦ୍ଦେଶ୍ୟରେ କେନ୍ଦ୍ର ସରକାର ଗହମ ମହଜୁଦ କରିବାର ସୀମା ଧାର୍ଯ୍ୟ କରିଛନ୍ତି। ନୂଆଦିଲ୍ଲୀଠାରେ ଗଣମାଧ୍ୟମକୁ ଏ ସମ୍ପର୍କରେ ସୂଚନା ଦେଇ ଖାଦ୍ୟ ଓ ସାଧାରଣ ବଣ୍ଟନ ବିଭାଗର ସଚିବ ସଞ୍ଜୀବ ଚୋପ୍ରା କହିଛନ୍ତି, ଏଣିକି ହୋଲସେଲରଙ୍କ ପାଇଁ ଗହମର ମହଜୁଦ ସୀମା ୩ ହଜାର ମେଟ୍ରିକ ଟନ୍ ଏବଂ ଖୁଚୁରା ବ୍ୟବସାୟୀଙ୍କ ଲାଗି ୧୦ ମେଟ୍ରିକ ଟନ୍ ଧାର୍ଯ୍ୟ କରାଯାଇଛି। ଏହି ନିର୍ଦ୍ଦେଶ ଆସନ୍ତା ୨୦୨୫ ମାର୍ଚ୍ଚ ୩୧ ତାରିଖ ପର୍ଯ୍ୟନ୍ତ

ବଳବତ୍ତର ରହିବ ବୋଲି ଶ୍ରୀ ଚୋପ୍ରା କହିଛନ୍ତି।  ଆବଶ୍ୟକସ୍ଥଳେ ସରକାର ଗହମ ମହଜୁଦ ରଖିବାର ସୀମା ସମ୍ପର୍କରେ ସମୀକ୍ଷା କରିବେ। ଗହମର ଅଭାବ ସମ୍ପର୍କରେ ଗଣମାଧ୍ୟମର ରିପୋର୍ଟକୁ ଅସ୍ୱୀକାର କରି ଶ୍ରୀ ଚୋପ୍ରା କହିଛନ୍ତି, ଦେଶରେ ଗହମର ଅଭାବ ନାହିଁ ସରକାରଙ୍କ ନିକଟରେ ସମସ୍ତ ବିକଳ୍ପ ବ୍ୟବସ୍ଥା ଉନ୍ମୁକ୍ତ ରହିଛି ଏବଂ ସେଥିମଧ୍ୟରୁ ଏହି ପଦକ୍ଷେପ ଅନ୍ୟତମ। ଗ୍ରାହକଙ୍କ ସ୍ୱାର୍ଥ ରକ୍ଷା ଲାଗି ଗହମର ମୂଲ୍ୟରେ ସ୍ଥିରତା ବଜାୟ ରଖିବା ଦିଗରେ ସରକାର ଆବଶ୍ୟକ ପଦକ୍ଷେପ ଗ୍ରହଣ କରୁଛନ୍ତି ବୋଲି ଶ୍ରୀ ଚୋପ୍ରା କହିଛନ୍ତି।

## ମଷ୍ଟ ଆନାଉନ୍ସମେଣ୍ଟ

ଆକାଶବାଣୀର ଦ୍ୱିଭାଷିକ ଫୋନ୍ ଇନ୍ କାର୍ଯ୍ୟକ୍ରମ **ପବ୍ଲିକ୍ ସ୍ପିକ୍** ଆଜି ରାତି ସାଢ଼େ ୯ଟାରେ ପ୍ରଚାର କରାଯିବ।  ଆଜିର ବିଷୟବସ୍ତୁ ରହିଛି **ଡ୍ରଗ୍ସ ଅପବ୍ୟବହାରର ମୁକାବିଲା।** ଏଥିରେ ଏନ୍.ସି.ବି.ର ଉପ-ମହାନିର୍ଦ୍ଦେଶକ ନିରଜ ଗୁପ୍ତା ଏବଂ ଆର.ଏମ୍.ଏଲ୍. ହସ୍ପିଟାଲର ଡାକ୍ତର ଲୋକେଶ ଶେଖାୱତ ବିଶେଷଜ୍ଞଭାବେ ଅଂଶଗ୍ରହର କରି ଶ୍ରୋତାଙ୍କର ଏ ସମ୍ପର୍କିତ ବିଭିନ୍ନ ପ୍ରଶ୍ନର ଉତ୍ତର ଦେବେ। ଏଥିପାଇଁ ଶ୍ରୋତାମାନେ ରାତି ସାଢ଼େ ୯ଟା ଠାରୁ 011-23421050 ଓ 011-23314444 ନମ୍ବରକୁ ଡାଏଲ୍ କରି ନିଜର ପ୍ରଶ୍ନ ପଚାରିପାରିବେ । ଏହା ବ୍ୟତୀତ ଶ୍ରୋତାମାନେ 9289094044 ନମ୍ବରକୁ ହ୍ୱାଟ୍ସଆପ୍ ମାଧ୍ୟମରେ ମଧ୍ୟ ପ୍ରଶ୍ନ ପଠାଇପାରିବେ। ଆଜି ରାତି ସାଢ଼େ ୯ଟାରେ ଆକାଶବାଣୀ ଗୋଲ୍ଡ

ଚ୍ୟାନେଲ୍ ଓ ଅତିରିକ୍ତ ଫ୍ରିକୁଏନ୍ସ ଗୁଡ଼ିକରୁ ଏହି କାର୍ଯ୍ୟକ୍ରମ ଶୁଣାଯାଇପାରିବ । ଏତଦ୍ ବ୍ୟତୀତ ଆମର ୱେବ୍‌ସାଇଟ୍ news on air.gov.in ଓ ୟୁଟ୍ୟୁବ୍ ଚ୍ୟାନେଲ୍ news on air official ରେ ମଧ୍ୟ ଏହା ଉପଲବ୍ଧ ହେବ ।

## ଇଣ୍ଡିଆ ଆଇଏସ୍ଓ ମିଟିଂ

ଆନ୍ତର୍ଜାତିକ ଚିନି ପ୍ରତିଷ୍ଠାନର ୬୪ତମ ପରିଷଦ ବୈଠକ ଆସନ୍ତାକାଲି ଠାରୁ ନୂଆଦିଲ୍ଲୀରେ ଆରମ୍ଭ ହେବ । ତିନିଦିନ ଚାଲିବାକୁ ଥିବା ଏହି ସମ୍ମିଳନୀରେ ୩୦ଟି ଦେଶରୁ ପ୍ରତିନିଧି ଯୋଗଦେବେ । ବିଶେଷ କରି, ବିଶ୍ୱର ପ୍ରମୁଖ ଚିନି ଉତ୍ପାଦନକାରୀ, ବ୍ୟବହାରକାରୀ ଏବଂ ବ୍ୟବସାୟ କରୁଥିବା ରାଷ୍ଟ୍ରଗୁଡ଼ିକ ଏକତ୍ରୀତ ହୋଇ ଆପୋଷ ବୁଝାମଣା ମାଧ୍ୟମରେ ଜୈବ ଇନ୍ଧନ ଏବଂ ଚିନି କ୍ଷେତ୍ରରେ ଦେଖାଦେଉଥିବା ବିଭିନ୍ନ ସମସ୍ୟାର ସମାଧାନ ଉପରେ ଏହି ସମ୍ମିଳନୀରେ ଆଲୋଚନା କରିବେ । ଚଳିତ ବର୍ଷ ଲାଗି ଏହି ପରିଷଦର ଅଧ୍ୟକ୍ଷଭାର ଭାରତ ତୁଲାଇବ । ଭାରତ ବର୍ତ୍ତମାନ ବିଶ୍ୱରେ ଦ୍ୱିତୀୟ ବୃହତ ଚିନି ଉତ୍ପାଦନକାରୀ ରାଷ୍ଟ୍ର ହୋଇଥିବା ବେଳେ ସର୍ବବୃହତ ଚିନି ବ୍ୟବହାରକାରୀ ରାଷ୍ଟ୍ରଭାବେ ପରିଚିତ ।

## କ୍ରିକେଟ୍

ଆଇସିସି ପୁରୁଷ ଟି-ଟ୍ୱେଣ୍ଟି ବିଶ୍ୱକପ୍ କ୍ରିକେଟ୍‌ର ସୁପର ଏଇଟ୍ ପର୍ଯ୍ୟାୟରେ ଆଜି ଭାରତ' ଅଷ୍ଟ୍ରେଲିଆକୁ ଭେଟିବ । ସେଣ୍ଟଲୁସିଆସ୍ଥିତ

ଗ୍ରସ୍ ଇସ୍‌ଲେଟ୍‌ର ଡ୍ୟାରେନ୍ ସାମି ନ୍ୟାସନାଲ କ୍ରିକେଟ୍ ଷ୍ଟାଡିୟମଠାରେ ଅନୁଷ୍ଠିତ ହେବାକୁ ଥିବା ଏହି ମ୍ୟାଚ୍ ଆଜି ଭାରତୀୟ ସମୟ ରାତି ୮ଟାରେ ଆରମ୍ଭ ହେବ । ଏପର୍ଯ୍ୟନ୍ତ ଭାରତ ଏବଂ ଅଷ୍ଟ୍ରେଲିଆ ମଧ୍ୟରେ ଖେଳାଯାଇଥିବା ୩୧ଟି ଟି-ଟ୍ୱେଣ୍ଟି ମ୍ୟାଚ୍ ମଧ୍ୟରେ ଭାରତ ୧୯ଟି ମ୍ୟାଚ୍ ଜିତିଥିବାବେଳେ ଅଷ୍ଟ୍ରେଲିଆ ୧୧ଟି ମ୍ୟାଚ୍‌ରେ ବିଜୟଲାଭ କରିଛି ଏବଂ ଗୋଟିଏ ମ୍ୟାଚ୍ ଅମୀମାଂଶିତ ରହିଛି । ପୂର୍ବରୁ ଭାରତ ସୁପର ଏଇଟ୍ ପର୍ଯ୍ୟାୟରେ ଆଫଗାନିସ୍ତାନ ଏବଂ ବାଂଲାଦେଶକୁ ହରାଇଥିବାବେଳେ ଆଜିର ମ୍ୟାଚ୍‌ରେ ବିଜୟୀ ହେଲେ ପଏଣ୍ଟ ତାଲିକାର ଶୀର୍ଷରେ ରହିବା ସହ ସେମିଫାଇନାଲରେ ପ୍ରବେଶ କରିବ ।

## ପାଣିପାଗ

ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ଓଡ଼ିଶା, ଗୁଜୁରାଟ, ଗୋଆ, ମହାରାଷ୍ଟ୍ର, କର୍ଣ୍ଣାଟକ, କେରଳ, ଲାକ୍ଷାଦ୍ୱୀପ, ତାମିଲନାଡୁ, ମଧ୍ୟପ୍ରଦେଶ, ଛତିଶଗଡ଼ ଓ ଝାଡ଼ଖଣ୍ଡର କେତେକ ଅଞ୍ଚଳରେ ପ୍ରବେଶ କରିଛି। ଏହାର ପ୍ରଭାବରେ ଆସନ୍ତା ୫ ଦିନ ପର୍ଯ୍ୟନ୍ତ ଦକ୍ଷିଣ ଭାରତର କେତେକ ସ୍ଥାନରେ ପ୍ରବଳରୁ ଅତିପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି ବୋଲି ଭାରତୀୟ ପାଣିପାଗ ବିଭାଗ ସୂଚନା ଦେଇଛି। ଏଥିସହିତ ଏହି ସମୟରେ ଉତ୍ତରପ୍ରଦେଶ, ବିହାର, ଝାଡ଼ଖଣ୍ଡ ଏବଂ ଓଡ଼ିଶାର କେତେକ ସ୍ଥାନରେ

ଘଡ଼ଘଡ଼ି, ବିଜୁଳି ଓ ଧୂଳିଝଡ଼ ସହ ବର୍ଷା ହେବାର ସମ୍ଭାବନା ରହିଛି ବୋଲି ପାଣିପାଗ ବିଭାଗ କହିଛି।